୨ ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ଆତ୍ମସମର୍ପଣ

।।ପ୍ରଭାନ୍ୟୁକ୍।। ମାଲକାନଗିରି,୭।୭ : ଆତ୍ମ ସମର୍ପଣ କଲେ ୧୩ ଲକ୍ଷ ଟଙ୍କାର ଇନାମି ମାଓବାଦୀ। ଏସପି ଶରତ କୁମାର ସିହ୍ନାଙ୍କ ନିକଟରେ ଆତ୍ମ ସର୍ମପଣ କଲେ ଏହି ୨ ଦୁର୍ଦ୍ଦାନ୍ତ ମାଓବାଦୀ। ମହିଳା ନକ୍ସଲ ଆସୋସି ଓ ମୁକେଶ ଗାଣ୍ଡେତେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଅନେକ ବଡ ବଡ ମାଓ ହିଂସାରେ ଏହି ଦୁଇ ମାଓବାଦୀ ସାମିଲ୍ ଥିଲେ। ମହିଳା ମାଓବାଦୀ ଆସୋସି ଉପରେ ୮ ଲକ୍ଷ ଓ ମୁକେଶ ଗାଣ୍ଡେତେ ନାମରେ ୫ ଲକ୍ଷ ଇନାମି ଘୋଷଣା କରାଯାଇଥିଲା। ଏମାନଙ୍କ ଆତ୍ମସମର୍ପଣ ମାଓ ଗଡ ପାଇଁ ବଡ ଝଟକା ହୋଇଥିବା ବେଳେ ପୁଲିସ ଏମାନଙ୍କ ଠାରୁ ମାଓ ଗତି ବିଧି ସମ୍ବନ୍ଧିତ ଅନେକ ତଥ୍ୟ ପାଇ ପାରିବ ବୋଲି ଆଶା ରଖିଛି।

ଶିଶୁକନ୍ୟାର ବେକ କାମୁଡି ହତ୍ୟା, ଦମ୍ପତି ଗିରଫ

।।ପ୍ରଭାନ୍ୟୁକ୍।।
ବେତନଟୀ,୭।୭ : ଆଜି ବେତନଟୀ ଥାନା ଅଧୀନ ପୁରୁଣା ଲଙ୍ଗଜକଟା ସାମିଲ ସୁରେଇଡିହିର ଯାଦବ ଓରଫ ଯଦୁ ମୁର୍ମୁଙ୍କ ୨ବର୍ଷର ଶିଶୁ କନ୍ୟା ରୁପାଲି ମୁର୍ମୁ ବେକକୁ କାମୁଡି ହତ୍ୟା କରିବା ଘଟଣାରେ ବେତନଟୀ ଥାନା ଆଇଆଇସି ରେଣୁବାଳା ସାହୁ ଚୁଆଶୋଳର ଦାଶରଥି ହାଁସଦା (୩୨) ଓ ତାଙ୍କ ପତ୍ନୀ ସୁନୀ ସିଂ (୨୫)ଙ୍କୁ ଗିରଫ କରି କୋର୍ଟ ବାଲାଣ କରିଛନ୍ତି। ଜିଲ୍ଲା ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଖବର ମତେ, ରୁପାଲିର ଜନ୍ମ ପରେ ପିତା ଯାତବଙ୍କ ଦେହାନ୍ତ ହୋଇ ଯାଇ ଥିଲା ଓ ମାତା ତାକୁ ଏକୁଟିଆ ଛାଡି ଅନ୍ୟତ୍ର ପଳାଇ ଯାଇଥିଲା। ପିଲାଟିକୁ ଜେଜେବାପା, ଜେଜେମାଆ ଓ ବଡମାଆ ଲାଳନପାଳନ କରୁ ଥିଲେ। ଗତକାଲି ରୁପାଲିକୁ ନେଇ ତାର ବଡମାଆ ରାଧୋଇବାକୁ ଯାଇ ଥିବା ବେଳେ ସୁନୀ ପିଲାଟି ସହିତ ଖେଳିବା ବାହାନା କରି ତାକୁ ଜଙ୍ଗଲକୁ ନେଇ ଯାଇ ଏକ ଗଛ ମୂଳରେ ତାର ବେକକୁ କାମୁଡି ମାରି ଦେଇ ଥିଲା। ଆଜି ମଧ୍ୟ ସୁନୀକୁ ପଚରାଉଚରା ବେଳକୁ ସେ ଅତି ଭୟାନକ ଭାବେ 'ଖାଇବି, ମାରିବି, ଆହୁରି ମାରିବି' ଭଳି କଥା କହୁଥିବାର ଶୁଣା ଯାଇଛି। ରୁପାଲିର ଜେଜେ ବାପା ବନ୍ଦ୍ରମୋହନ ମୁର୍ମୁଙ୍କ ଅଭିଯୋଗ ମୂଳେ ୨୦୨/୨୨ରେ ମାମଲା ରୁଜୁ ହୋଇ ତଦନ୍ତ ବାଲିଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ବାଲାଣ ପୂର୍ବରୁ ସେମାନେ ପିନ୍ଧିଥିବା ଲୁଗା ଗୁଡିକୁ ପୁଲିସ ଜବତ କରିଛି। ଏହା ଛଡା ଉଭୟଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ଥିବାର ଜଣା ପଡିଛି।

ଗଞ୍ଜେଇ ଜବତ, ୩ ଗିରଫ

।।ପ୍ରଭାନ୍ୟୁକ୍।। ଜୟପୁର,୭।୭ : ଜୟପୁର ସଦର ପୁଲିସ ଥାନା ଅଧିକାରୀ ଈଶ୍ୱର ଡାଣ୍ଡିଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ନବୀନ କୁମାର ଟପ ସଦର ଥାନା କର୍ମଚାରୀଙ୍କ ସହ ଜୟପୁର ରେଳ ଷ୍ଟେସନ ପାଖରେ ଥିବା ଏକମ୍ବା ଛକ ଠାରେ ୬୪ କିଲୋ ଗଞ୍ଜେଇ ଜବତ ସହ ତିନି ଜଣ ଚଲାଣରୀଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି। ଜୟପୁର ସଦର ଥାନାରେ ଏକ ମାମଲା ୨୧୬/୨୨ରେ ରୁଜୁ କରାଯାଇ ତିନିଜଣ ଅଭିଯୁକ୍ତ ଉତ୍ତରପ୍ରଦେଶ ରାଜ୍ୟର କୃଷ୍ଣ କୁମାର ଦୁବେ, ବିନୟ କୁମାର ଦୁବେ, ଶିବମ ମିଶ୍ରଙ୍କୁ କୋର୍ଟକୁ ଚାଲାଣ କରାଯାଇଛି।

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

।।ପ୍ରଭାନ୍ୟୁକ୍।।
ହିନ୍ଦୋଳ,୭।୭ : ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଏନଏସିରୁ ଆଜି ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଆଜି ସକାଳ ୧୧ଟା ପାଖାପାଖି ହିନ୍ଦୋଳ ଥାନା ଅନ୍ତର୍ଗତ ହିନ୍ଦୋଳ ଏନଏସିର ୱାର୍ଡ଼ ନଂ-୨ ସାଇମନ୍ଦିର ନିକଟରେ ଥିବା ଏକ ଆମ୍ବ ତୋଟାରେ ଜନୈକ ଯୁବକର ମୃତଦେହ ଝୁଲୁ ଥିବାର ଦେଖିବାକୁ ପାଇ ଲୋକେ ହିନ୍ଦୋଳ ଥାନାରେ ଖବର ଦେଇଥିଲେ। ବେକରେ ଏକ ପ୍ଲାଷ୍ଟିକ ଦଉଡି ବନ୍ଧା ହୋଇଥିବା ବେଳେ ତଳେ ଏକ ହିରୋହଣ୍ଡା ବାଇକ(ଓଆର୧୯ଏନ-୯୦୭୬) ଥୁଆ ହୋଇଥିଲା। ଶବର ଗୋଡ଼ ବାଇକ ଉପରେ ରହିଥିଲା। ଏଥି ସହିତ ବାମ ହାତ ପାପୁଲି ନିକଟରେ ରକ୍ତ ଝରୁଥିବା ବେଳେ ଯୁବକଟି ଗୋଟିଏ ଜିନ ପ୍ୟାଣ୍ଟ, ଫୁଲ ସାର୍ଟ ପିନ୍ଧିଥିବା ବେଳେ ବେକରେ ଏକ ଗାମୁଛା ଥିଲା। ଖବର ପାଇ ହିନ୍ଦୋଳ ଥାନା ଅଧିକାରୀ ଚାରୁଲତା ବେହେରା ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଯୁବକର ପରିଚୟ ପାଇବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଯୁବକ ଜଣକ ହେଲେ ଅନୁଗୁଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବେନ୍ତପୁର ଅଞ୍ଚଳର ଶିଶିର ତ୍ରିପାଠୀଙ୍କ ପୁଅ ସତ୍ୟବ୍ରତ ତ୍ରିପାଠୀ (୨୫)। ଏନେଇ ୧୧୯/୨୨ରେ ମାମଲା ରୁଜୁ କରି ହିନ୍ଦୋଳ ପୁଲିସ ତଦନ୍ତ ଜାରି ରଖିଛି।

ବାଇକ ଦୁର୍ଘଟଣାରେ ଜଣେ ଗୁରୁତର

।।ପ୍ରଭାନ୍ୟୁକ୍।।
ବୈଶିଙ୍ଗା,୭।୭ : ଆଜି ସନ୍ଧ୍ୟାରେ ରୁପସା-ଆରତି ରୋଡରୁ ଅଁଳା ଅଭିମୁଖେ ଯିବା ବାଟରେ ଖୁଣ୍ଟାପୁରଠାରେ ଦୁଇ ବାଇକ ମଧ୍ୟରେ ଧକ୍କା ହୋଇଛି। ଜଣେ ଗୁରୁତର ଆହତ ହୋଇଛନ୍ତି। ବଡସାହି ଥାନା ଅଧୀନ ଗୁହାଳଡିହି ଗ୍ରାମର ଲମ୍ବୋଧର ବେହେରା(୪୦) ଏକ ଷ୍ଟୁଟି ଯୋରେ ନିଜ ଭିଣୋଇ ଖୁଣ୍ଟାପୁର ସ୍ଥିତ ଜୟଦେବ ପ୍ରମାଣିକ ଘରକୁ ଆସୁଥିଲେ। ଅପରପକ୍ଷରୁ ଆସୁଥିବା ଏକ ବାଇକ ଧକ୍କା ଦେଇଥିଲା। ଲମ୍ବୋଧର ଗୁରୁତର ଥିବାବେଳେ ସ୍ଥାନୀୟ ଲୋକ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ। ପରେ ତାଙ୍କୁ ବାଲେଶ୍ୱର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଧକ୍କା ଦେଇଥିବା ବାଇକ ଆରୋହୀ ଦୁର୍ଘଟଣା ପରେ ରାତି ଛାଡି ଫେରାର ହୋଇଯାଇଛି।

ଜଳିଗଲା ଘର

ପାପଡାହାଣ୍ଡି,୭।୭ : ପାପଡାହାଣ୍ଡି ବ୍ଲକ ବେରବେଟା ପଞ୍ଚାୟତ ବରଦେଇ ଗ୍ରାମରେ ନିଆଁ ଲାଗି କିଶୋର ଦିଶାରୀଙ୍କ ଘର ପୋଡି ନଷ୍ଟ ହୋଇଯାଇଛି। ଗୋଷେଇ ଚୁଲିରୁ ନିଆଁ ଲାଗିଥିବା ଜଣାପଡିଛି। ଗ୍ରାମବାସୀଙ୍କ ସହାୟତାରେ ଦମକଳ ବାହିନୀ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡରେ ଘର ଭିତରେ ଥିବା ଚାଉଳ, ଆସବାବପତ୍ର, କପଡ଼ା,ବାସନ ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଅଭାବ ସମୟରେ ଏବେ କିଭଳି ଚଳିବୁ ବୋଲି ଚିନ୍ତା ରେ ପଡିଛନ୍ତି କୁନ୍ତୀ। ଶୀଘ୍ର ଏହି ପରିବାର କୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗେଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଠାକୁରା ହେମ୍ରମ ବ୍ଲକ ଟପ୍ପର

ବଡସାହି,୭।୭ : ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇସାରିଥିବା ବେଳେ ବଡ଼ସାହି ହାଇସ୍କୁଲର ଛାତ୍ର ଠାକୁରା ହେମ୍ରମ ୫୬୭ ନମ୍ବର ରଖି ଏ-୧ରେ ପାସ କରି ସମଗ୍ର ବଡ଼ସାହି ବ୍ଲକରେ ଟପ୍ପର ହୋଇ ନିଜ ସ୍କୁଲର ଗୌରବ ଆଣି ପାରିଛନ୍ତି। ବଡ଼ସାହି ହାଇସ୍କୁଲର ସମସ୍ତ ୧୦୬ ପରୀକ୍ଷାର୍ଥୀ ପାସ କରି ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ସେହିପରି ନିକଟସ୍ଥ ତାଳପଦା ପୂର୍ଣ୍ଣଚନ୍ଦ୍ର ବାଳିକା ହାଇସ୍କୁଲର ସମସ୍ତେ ୪୦ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସମସ୍ତ ପାସ କରି ନିଜ ସ୍କୁଲକୁ ସଫଳ କରାଇ ପାରିଛନ୍ତି। ସିଂହଟିଆ ନୋଡାଲ ହାଇସ୍କୁଲରୁ ପରୀକ୍ଷା ଦେଇଥିବା ୪୫ ପରୀକ୍ଷାର୍ଥୀ ମଧ୍ୟରୁ ୨ ଜଣ ଫେଲ ହୋଇଥିବା ବେଳେ ଏ-୧ ରେ ଜଣକୁ ମିଶାଇ ଅନ୍ୟ ୪୩ ଜଣ ପାସ କରିଥିବା ଜଣାଯାଇଛି।

ବୁଗୁଡା ବ୍ଲକ ପାଇଁ ଗୌରବ ଆଣିଲେ ରୁଦ୍ର ପ୍ରତାପ ସ୍ୱାଇଁ

ବୁଗୁଡା,୭।୭ : ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ତାକରବାଡି ହେଉଛି ଏକ ନିହାତି ପଲ୍ଲୀ ଗ୍ରାମ। ରମନାରମନ ପାଇଁ ଗ୍ରାମକୁ ନାହିଁ ଉତ୍ତମ ରାସ୍ତା। ହେଲେ ସେହି ପଲ୍ଲୀ ଗ୍ରାମର ମାତା ଜୟନ୍ତୀ ସ୍ୱାଇଁ ଓ ପିତା ଏରକାଇଲୁ ସ୍ୱାଇଁଙ୍କ ସୁପୁତ୍ର ରୁଦ୍ର ପ୍ରତାପ ସ୍ୱାଇଁ ଦଶମ ବୋର୍ଡ ପରୀକ୍ଷାରେ ୬୦୦ ମାର୍କରୁ ୫୮୭ ରଖି ଏ-୧ ଗ୍ରେଡରେ ପାସ କରି ବୁଗୁଡା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଯାତାୟାତର ଅସୁବିଧା ଯୋଗୁଁ ରୁଦ୍ର ପ୍ରତାପ ସ୍ୱାଇଁ ବ୍ରହ୍ମପୁରର ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟା ମନ୍ଦିରରେ ଅନ୍ତେବାସୀ ଭାବେ ଅଧ୍ୟୟନ କରୁଥିଲେ। ଦଶମ ବୋର୍ଡ ପରୀକ୍ଷାରେ ମୋଟ ୫୮୭ ନମ୍ବର ପାଇ ୯୭.୮୩ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଏ-୧ ଗ୍ରେଡରେ ପାସ ହୋଇ ବୁଗୁଡା ବ୍ଲକ ପାଇଁ ଗୌରବ ଆଣି ପାରିଥିବା ଯୋଗୁଁ ଅଞ୍ଚଳର ବୁଦ୍ଧିଜୀବୀ ବୃନ୍ଦ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

ସାପ କାମୁଡାରେ ନାବାଳିକା ଗୁରୁତର

।।ପ୍ରଭାନ୍ୟୁକ୍।। ପାପଡାହାଣ୍ଡି,୭।୭ : ପାପଡାହାଣ୍ଡି ବ୍ଲକ ମାନିଗାଁ ପଞ୍ଚାୟତ କେନ୍ଦୁଗୁଡା ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳିକା ଗୁରୁତର ହୋଇଛନ୍ତି। ତାଙ୍କ ନାମ ବାଳମତି ଗୌଡ଼ (୧୧)। ବାଳମତି ଗାଁ ନିକଟସ୍ଥ ପୋଖରୀକୁ ଶୌଚ ହୋଇ ଫେରିବା ସମୟରେ ଏକ ବିଷ ଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ତିକିତ୍ସା ପରେ ବାଳମତିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି।

ଲାଞ୍ଚ ନେବା ବେଳେ ଧରାପଡିଲେ ଡାଟା ଏଣ୍ଟ୍ରି ଅପରେଟର

।।ପ୍ରଭାନ୍ୟୁକ୍।।
ମାଲକାନଗିରି,୭।୭ : ମାଲକାନଗିରି ପୌର ପରିଷଦରେ ରାସନ କାର୍ଡ କରିବା ପାଇଁ ଜଣେ ଡାଟା ଏଣ୍ଟ୍ରି ଅପରେଟର ୨୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ପୌରାଧକ୍ଷଙ୍କ ହାତରେ ଧରା ପଡିଛନ୍ତି। ପୂର୍ବରୁ ଜୟପୁର ପୌର ପରିଷଦରେ ଜନ୍ମ ପ୍ରମାଣ ପତ୍ର କରିବା ପାଇଁ ଜଣେ କର୍ମଚାରୀ ୩୫୦ ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗ ହୋଇଥିବା ବେଳେ ବର୍ତ୍ତମାନ ମାଲକାନଗିରି ପୌର ପରିଷଦରେ ସମାନ ଘଟଣା ସାମ୍ନାକୁ ଆସିଛି। ମାଲକାନଗିରି ପୌର ପରିଷଦରେ ପରିତୋଷ ନାମକ ଜଣେ ବ୍ୟକ୍ତି ନିଜର ରାସନ କାର୍ଡ କରାଇବା ପାଇଁ ଯାଇଥିଲେ। ଏଥିପାଇଁ ଦାୟିତ୍ୱରେ ଥିବା ଡାଟା ଏଣ୍ଟ୍ରି ଅପରେଟର ଶୁକଦେବ ମଣ୍ଡଳ ତାଙ୍କୁ ୨୦୦୦ ଟଙ୍କା ଲାଞ୍ଚ ମାଗିଥିଲେ।

ପରିତୋଷ ଗରିବ ଲୋକ ହୋଇଥିବା ବେଳେ ଏହି ଅର୍ଥ ଦେବାକୁ ଅସମର୍ଥ ଥିବା ସତ୍ତ୍ୱେ କେବଳ ରାସନ କାର୍ଡ ପାଇବା ଆଶାରେ କୌଣସି ମତେ ୨୦୦୦ ଟଙ୍କା ଆଣି ଦେଇଥିଲେ। ଏହି ଖବର ମାଲକାନଗିରି ପୌରାଧକ୍ଷ ମନୋଜ ବାରିକ ଜାଣିବା ପରେ ତୁରନ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କ ଠାରୁ ୨୦୦୦ ଟଙ୍କା ଜବତ କରି ପରିତୋଷଙ୍କୁ ଫେରସ୍ତ କରିଥିଲେ। ଏହା ସହ ଉକ୍ତ ଅପରେଟର ଶୁକଦେବଙ୍କ ବିରୋଧରେ ଦ୍ରୁତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଜଣାଇବେ ବୋଲି ପୌରାଧକ୍ଷ ଶ୍ରୀ ବାରିକ ପ୍ରକାଶ କରିଛନ୍ତି। ଶ୍ରୀ ବାରିକଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି।

ଶ୍ରୀଜୀଉଙ୍କ ଜୟଗ୍ରୀବ ଓ ଭୈରବ ବେଶ

।।ପ୍ରଭାନ୍ୟୁକ୍।। ବାରିପଦା,୭।୭ : ଶ୍ରୀଗୁଣ୍ଡିବା ମନ୍ଦିର ଆତପମଣ୍ଡପରେ ଶ୍ରୀଜୀଉଙ୍କ ଜୟଗ୍ରୀବ ଓ ଭୈରବ ବେଶ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ବେଶକୁ ଦର୍ଶନ କରି ବିଭୋର ହୋଇପଡିଛନ୍ତି। ପ୍ରତିଦିନ ପରି ନୀତିକାନ୍ତି

ଶେଷ ହେବା ପରେ ଶତାଧିକ ଶ୍ରଦ୍ଧାଳୁ ଶ୍ରୀଗୁଣ୍ଡିବା ମନ୍ଦିରରେ ପହଁଚି ଦାରୁବିଅଁଙ୍କ ଦର୍ଶନ କରିଛନ୍ତି। ଶାନ୍ତି ଶୃଙ୍ଖଳାର ସହ ଦର୍ଶନ କରିବା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ରଥଯାତ୍ରା ଦିନ ଠାରୁ ବଡଦାଣ୍ଡରେ ଶ୍ରଦ୍ଧାଳୁଙ୍କ ପ୍ରବଳ ରହଣି ଲାଗି ରହିଛି। ଦୋଳି, ମନୋହରୀ ଓ ବଟପଟି ଖାଇବା ଦୋକାନରେ ରହଣି ଦେଖିବାକୁ ମିଳିଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ବାଲୁ ରହିଥିବା ବେଳେ ଲୁଟ, ପକେଟମାର ଓ ଛିନତାଇ ଭଳି ଅପରାଧୀଙ୍କୁ ଚାବ କରିବା ପାଇଁ ପ୍ରବେଶ ପଥ ଗୁଡିକରେ ପୁଲିସ ମୁତୟନ କରାଯାଇ ତନଖି କରାଯାଉଛି। ପୌରପରିଷଦ ପକ୍ଷରୁ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ବଜବଜାଇ ରହିଛି।

ରାହାସ ମୈଦଲପୁର ଲ୍ୟାମ୍ପ ସଭାପତି

।।ପ୍ରଭାନ୍ୟୁକ୍।।
ପାପଡାହାଣ୍ଡି,୭।୭ : ପାପଡାହାଣ୍ଡି ବ୍ଲକ ମୈଦଲପୁର ସମବାୟ ସମିତିର ସଭାପତି ରୂପେ ରାହାସ ବିହାରୀ ମାଝୀ ନିର୍ଦ୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଚାଷୀ ସମସ୍ୟାର ସମାଧାନ ଓ ସରକାର ଙ୍କ ଯୋଜନା ଗୁଡିକ ଚାଷୀଙ୍କ ନିକଟରେ ପହଞ୍ଚାଇବା ପ୍ରତି ଗୁରୁତ୍ୱ ଦେବାକୁ କହିଛନ୍ତି ରାହାସ। ନିର୍ବାଚନ ଅଧିକାରୀ କୈଳାସ ପାଣିଗ୍ରାହୀ ଓ ଏମଡି ନରସିଂହ ନାୟକଙ୍କ ଉପସ୍ଥିତିରେ ମନୋନୟନ ପତ୍ର ଦାଖଲ କରିଥିଲେ ରାହାସ। ପୂର୍ବରୁ ୧୫ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ୧୧ଜଣ ରାହାସଙ୍କ ସପକ୍ଷ ରେ ଥିବା ବେଳେ ୩ଜଣ ଅନୁପସ୍ଥିତ ଥିଲେ। ସରସ ଚନ୍ଦ୍ର ଜାଲ, ରାମ କୃଷ୍ଣ ହରିଜନ, ଧନପତି ହରିଜନ, ରାମ ମିର୍ଗାନ,କୃପା ସିନ୍ଧୁ ଜାଲ, ଲକିନାଥ ମାଝୀ, ଲିଙ୍ଗରାଜ ଭତ୍ରା, ବୁଦୁରାମ ପୂଜାରୀ, ଅଭିମନ୍ୟୁ କମର୍ଲା ପ୍ରମୁଖ ସହଯୋଗ କରିଥିଲେ।

ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

।।ପ୍ରଭାନ୍ୟୁକ୍।। ଆସିକା,୭।୭ : ଆସିକା ଟେକ୍ନିକାଲ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷୟତ୍ରୀଙ୍କୁ ତାଙ୍କ ସ୍ୱାମୀ ରାଜେଶ ପଣ୍ଡା ନିଶାସକ୍ତ ଅବସ୍ଥାରେ କାଠ ବେଣ୍ଟରେ ମୁଣ୍ଡ ଫଟାଇ ଦେଇଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ପ୍ରେମ ବିବାହ କରିଥିବା ରାଜେଶଙ୍କ ୧୩ବର୍ଷର ସନ୍ତାନଟିଏ ଥିଲେ ମଧ୍ୟ ବେକାର ଥିଲେ। ଦୈନନ୍ଦିନ ମଦ ପିଇ ସ୍ତ୍ରୀ ସହ ଝଗଡା କରନ୍ତି। ସେ ବାଲିଗୁଡା ଯାଇ ରାତିରେ ଫେରି ସ୍ତ୍ରୀକୁ ମଦ ପିଇବାକୁ ଟଙ୍କା ମାଗିଥିଲେ। କିନ୍ତୁ ସ୍ତ୍ରୀ ଟଙ୍କା ନଦେବାରୁ ଗାକିଗୁଲଜ କରି ବେଣ୍ଟରେ ମୁଣ୍ଡକୁ ମାରି ଦେବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅଭିଯୋଗକୁ ଭିତ୍ତି କରି ଥାନା କେସ ନଂ ୩୮୧/୨୨ ପ୍ରକାରେ ମକଦ୍ଦମା ରୁଜୁ କରି ରାଜେଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଦେଶୀ ମଦ ଜବତ, ଜଣେ ଗିରଫ

ବେତନଟୀ,୭।୭ : ଆଜି ବେତନଟୀ ଅବକାରୀ ଥାନା ଅଧିକାରୀ ନିରଞ୍ଜନ ସାହୁଙ୍କ ନେତୃତ୍ୱରେ ବେତନଟୀ ଥାନା ଅଧୀନ ସଠିଲୋ ଓ ବୈଶିଙ୍ଗା ଥାନା ଅଧୀନ ବାମୋଡାରେ ବଡ଼ାଉ କରା ଯାଇଛି। ଏହି ଘଟଣାରେ ସଠିଲୋର ଜଣକୁ ଗିରଫ କରା ଯାଇଛି। ଉଭୟ ଘଟଣାରୁ ଦେଶୀ ମଦ ଓ ବ୍ୟାପକ ପୋବ ଜବତ ହୋଇ ଥିବାର ଜଣା ପଡିଛି। ଘଟଣାକୁ ନେଇ ବେତନଟୀ ଅବକାରୀ ଥାନାରେ ଦୁଇଟି ମାମଲା ରୁଜୁ ହୋଇ ତଦନ୍ତ ବାଲିଛି।

ଭାଲୁ କାମୁଡାରେ ଗୁରୁତର ବିଶ୍ୱନାଥଙ୍କ ଚିକିତ୍ସାରେ ଅର୍ଥ ବାଧକ

।।ପ୍ରଭାନ୍ୟୁକ୍।। ପାପଡାହାଣ୍ଡି,୭।୭ : ପାପଡାହାଣ୍ଡି ଅନ୍ତର୍ଗତ ସାନବାର୍ଲି ପଂଚାୟତର ଘଟଣା। ଗତ ଜୁନ ମାସ ୨୫ତାରିଖ ଦିନ ସାନବାର୍ଲି ପଂଚାୟତ ର ନୂଆଗୁଡା ଗ୍ରାମର ବିଶ୍ୱନାଥ ଜାନି (୬୦)ଭାଲୁ କାମୁଡାରେ ଆହତ ହୋଇ ଗୁରୁତର ଅବସ୍ଥାରେ ପ୍ରଥମେ ନବରଙ୍ଗପୁର ଓ ପରେ କୋରାପୁଟ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ବିକିତ୍ସା ହୋଇ ନ ପାରି କଟକ ବଡ଼ ମେଡିକାଲକୁ ନେବା ପାଇଁ ଡାକ୍ତର ଜୁନ ୨୯ତାରିଖ ରେ ପରାମର୍ଶ ଦେଇଥିଲେ। ବିଶ୍ୱନାଥ ଜଣେ ଗରିବ ଖଟିଖିଆ ମଣିଷ ହୋଇଥିବା ବେଳେ ଅର୍ଥାଭାବରୁ କଟକ ମେଡିକାଲକୁ ଯାଇନ ପାରି ସପ୍ତାହ ହେଲା ଘରେ ପଡିରହିଛନ୍ତି। କୌଣସି ଖାଦ୍ୟ ପଦାର୍ଥ ଗ୍ରହଣକରି ପାରୁ ନ ଥିବା ବେଳେ ଖାଲି କ୍ଷୀର ଟିକିଏ ପିଇ ଜୀବନ ସହିତ ସଂଘର୍ଷ କରୁଛନ୍ତି।

ଦୁଃଖରେ ଭାଙ୍ଗିପଡିଲେଣି ତାଙ୍କ ସ୍ତ୍ରୀ ଲଛମା ଏବଂ ପରିବାର। ପ୍ରଶାସନ ତରଫରୁ ତାଙ୍କୁ କଟକ ମେଡିକାଲ ନେବା ପାଇଁ କୌଣସି ବ୍ୟବସ୍ଥା ହେଲେ ବିଶ୍ୱନାଥ ଜାଳେ ବଞ୍ଚିଯାଆନ୍ତେ ବୋଲି ନେହୁରା ହୋଇଛନ୍ତି ଉଭୟ ଗ୍ରାମବାସୀ ଏବଂ ପରିବାରବର୍ଗ।

ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶିକ୍ଷକ ନିଲମ୍ବିତ

।।ପ୍ରଭାନ୍ୟୁକ୍।।
ଆଠମଲ୍ଲିକ,୭।୭ : ଆଠମଲ୍ଲିକ ବ୍ଲକ ଅଏତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କେତେକ ଛାତ୍ରୀଙ୍କୁ ଅସଦାଚରଣ କରି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ମିଶ୍ର ଆଜି ନିଲମ୍ବିତ ହୋଇଛନ୍ତି। ଉକ୍ତ ବିଦ୍ୟାଳୟର ୭ଜଣ ଛାତ୍ରୀ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଲିଖିତ ଭାବେ ଜଣା